# ପାର୍ଲିଆମେଣ୍ଟର ଗଣ୍ଡଗୋଳ ଉ.ପା ସରକାରଙ୍କ ଅଦକ୍ଷତାକୁ ପ୍ରତିପାଦିତ କରେ ।

**ତା.୧୪.୦୨.୨୦୧୪**

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ଆମେ ବାରମ୍ବାର କରି କହି ଆସୁଛୁ କି, ଉ.ପା ସରକାର ଆଜି ଶାସନ କରିବାର ଇଚ୍ଛା ଶକ୍ତିକୁ ହରାଇ ବସିଛନ୍ତି ଓ ରାଜନୈତିକ ନିଷ୍ପତ୍ତି ନେବାରେ ମଧ୍ୟ ସମ୍ପୂର୍ଣ୍ଣ ଅସମର୍ଥ ସାବ୍ୟସ୍ଥ ହୋଇଛନ୍ତି । ଆଜି ତେଲେଙ୍ଗାନକୁ ସ୍ବତନ୍ତ୍ର ରାଜ୍ୟ ଗଠନ ନେଇ ଆଲୋଚନା ଆରମ୍ଭ କରାଯିବା ପୂର୍ବରୁ ଯାହା କିଛି ଘଟିଗଲା ତାହା ସାଂସଦୀୟ ଗଣତନ୍ତ୍ର ଉପରେ ଏକ କୁଠାରଘାତ କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । ତାହାକୁ ସମ୍ଭାଳିବାରେ ମଧ୍ୟ ଉପା ସରକାର ବିଫଳ ହୋଇଛନ୍ତି । ଆନ୍ଧ୍ର ପ୍ରଦେଶର କଂଗ୍ରେସ ସଦସ୍ୟ ମାନେ ହିଁ ଉକ୍ତ ଶୋଚନୀୟ ପରିସ୍ଥିତି ପାଇଁ ସମ୍ପୂର୍ଣ୍ଣ ଭାବରେ ଦାୟୀ ଏବଂ ରାଜ୍ୟରେ ପ୍ରଶାସନ ନଷ୍ଟ ହେବା କଥା ମଧ୍ୟ ମୁଖ୍ୟମନ୍ତ୍ରୀ ସ୍ବୀକାର କରିଛନ୍ତି । ଅଧିବେଶନରେ ଆଲୋଚନାକୁ ରୋକିବା ପାଇଁ ଯେଉଁ ଭୟଂକର ଉପାୟ ଅବଲମ୍ବନ କରାଯାଇଥିଲା ତାହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା । ସେଠାରେ ବି.ଜେ.ପି ଓ ତାହାର ସଦସ୍ୟମାନେ ମିଳିତ ହୋଇ ତେଲେଙ୍ଗାନାକୁ ସ୍ବତନ୍ତ୍ର ରାଜ୍ୟ ରୂପେ ଗଠନ କରିବା ନେଇ ସର୍ବସମ୍ମତି ନେବା ସମୟରେ ହିଁ ଏଭଳି ଶୋଚନୀୟ ପରିସ୍ଥିତି ସୃଷ୍ଟି କରାଯାଇଥିଲା । ଏହା ଉ.ପା ସରକାରଙ୍କର ବିଶେଷ କରି କଂଗ୍ରେସ ସରକାରଙ୍କର ବିଫଳତାର ଅନ୍ୟ ଏକ ନମୁନା । ତେଣୁ କଂଗ୍ରେସକୁ ପ୍ରଥମେ ନିଜ ସଦସ୍ୟ ମାନଙ୍କୁ ନିୟନ୍ତ୍ରଣରେ ରଖିବା ଜରୁରୀ ।